

### ହୁକ୍କା ବାର୍ ଅଗ୍ନିକାଣ୍ଡ ପରେ ଚେତିଲା ଅବକାରୀ ବିଭାଗ

# ଗୋଟିଏ ରାତିରେ ୨୦ରୁ ଊର୍ଦ୍ଧ୍ୱ ବାର୍‌ରେ ଚଢ଼ଉ

ଭୁବନେଶ୍ୱର, ୧୪।୧୨(ସମିସ): ସତ୍ୟବିହାରସ୍ଥିତ ହୁକ୍କା ବାର୍‌ରେ ଅଗ୍ନିକାଣ୍ଡ ପରେ ଚେଇଁଉଠିଛି ଅବକାରୀ ବିଭାଗ। ବିଭାଗ ଏ ସଂକ୍ରାନ୍ତ ସବୁ ନିୟମକୁ ଗୋଟିଏ ଦିନରେ ମନେ ପକାଇଦେଇଛି। ବାର୍‌ଗୁଡ଼ିକ ଅବକାରୀ ନିୟମ ପାଳନ କରୁଛନ୍ତି କି ନାହିଁ ବିଭାଗୀୟ କର୍ମଚାରୀମାନେ ସେ ନେଇ

**■ ଯାଞ୍ଚ ଟିମ୍‌କୁ ଆକ୍ରମଣ କରି ୪ ବନ୍ଧାହେଲେ**








ଯାଞ୍ଚ ଆରମ୍ଭ କରିଛନ୍ତି। ଦୀର୍ଘଦିନ ଧରି ବାର୍ ମାଲିକଙ୍କ ମନମାନିକୁ ଆଖି ବୁଜିଦେଉଥିବା ବିଭାଗ ଅଘଟଣର ୨୪ଘଣ୍ଟା ମଧ୍ୟରେ ଆକ୍ସନ ମୋଡ୍‌ରେ ଥିବା ଦେଖେଇ ହୋଇଛି।

ଶନିବାର ରାତି ୧୨ଟା ପରେ ଅବକାରୀ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା ଯାଞ୍ଚ ପ୍ରକ୍ରିୟା। ଏଥିପାଇଁ ଏକାଧିକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରତ୍ୟେକ ବାର୍ ବୁଲିଥିଲେ। ରାତି ୧୨ଟା ପରେ କିଏ କାଳେ ବାର୍ ଖୋଲିଛି ଏହାର ଯାଞ୍ଚ ହୋଇଥିଲା। ତେବେ କିଛି ସ୍ଥାନରେ ବିଳମ୍ବିତ ରାତି ଅର୍ଥାତ୍ ୧୨ଟା ପରେ ଖୋଲୁଥିବା ବାର୍‌କୁ ତାଗିଦ୍ କରିଥିଲା। ଯିଏ ବି ନିୟମ ବିରୋଧୀ କାର୍ଯ୍ୟ କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ଦିନରେ କଟକ ରୋଡ୍, ଚନ୍ଦ୍ରଶେଖରପୁର ଏବଂ ଅନ୍ୟାନ୍ୟ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ବାର୍ ଯାଞ୍ଚ ହୋଇଥିଲା। ଏହି ପ୍ରକ୍ରିୟା ଆଗକୁ ନିୟମିତ ଭାବେ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ଯାଞ୍ଚବେଳେ ଅବକାରୀ ବିଭାଗ ଆକ୍ରୋଶର ଶିକାର ହୋଇଛି। ରୋମିଓ ଲେନ୍ ନାମକ ଏକ ବାର୍ ସମ୍ମୁଖରେ ଅବକାରୀ ଟିମ୍ ଆକ୍ରମଣର ଶିକାର ହୋଇଥିଲା। ଏହି ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମିତ କୁମାର ଦାସ, ସମ୍ବିତ ପରିଡ଼ା, ସବ୍ୟସାଚୀ ପାଢ଼ୀ ଏବଂ ସନ୍ଦୀପ ସାମନ୍ତ। ଭୁବନେଶ୍ୱର ଅବକାରୀ ବିଭାଗର ସବ୍-ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ଗୁରୁଙ୍କ ଲିଖିତ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରାଯାଇଥିଲା।

ପୁଲିସ ସୂଚନା ମୁତାବକ, ଅବକାରୀ କର୍ମଚାରୀଙ୍କ ସହ ରାତ୍ରି ସମୟରେ ବିଭିନ୍ନ ବାର୍‌ଗୁଡ଼ିକର ଯାଞ୍ଚ କରୁଥିବାବେଳେ କିଛି ବ୍ୟକ୍ତି ସେମାନଙ୍କ ସହ ମୁହାଁମୁହିଁ ହୋଇ ଅଶୋଭନୀୟ ଆଚରଣ ଓ ଦୁର୍ବ୍ୟବହାରର ଶିକାର ହୋଇଥିଲେ। ରାତି ପ୍ରାୟ ୧୨.୧୫ରେ ରୋମିଓ ଲେନ୍ ରେଷ୍ଟୁରାଣ୍ଟ ସମ୍ମୁଖରେ ଅଭିଯୁକ୍ତମାନେ ଅବକାରୀ ଅଧିକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବିରୋଧ କରିବାରୁ ସେମାନେ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ସରକାରୀ ଗାଡ଼ିକୁ ଗୋଇଠା ମାରିଥିଲେ। ମଦ ବୋତଲ ଫିଙ୍ଗିଥିଲେ ଏବଂ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ଅବକାରୀ ଟିମ୍‌ର କିଛି ସଦସ୍ୟ ଆହତ ହୋଇଥିବା ସୂଚନା ମିଳିଛି। ତେବେ ଏମାନେ କାହିଁକି ଆକ୍ରମଣ କଲେ। ଆଉ ଏହାପଛରେ ମାଷ୍ଟରମାଇଣ୍ଡ କିଏ ସେ ନେଇ ତଦନ୍ତ ଜାରି ରହିଛି।

## ବ୍ରାଉନ୍‌ସୁଗର୍ ଜବତ, ଦୁଇ ଗିରଫ



ଭୁବନେଶ୍ୱର, ୧୪।୧୨(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢୁମୁଢୁମା ଅଞ୍ଚଳର ଏସ୍‌କେ ଜାହିର୍ ଏବଂ ଯଦୁପୁର ଅଞ୍ଚଳର ବବୁଲ ଖାନ୍। ସେମାନଙ୍କ ଠାରୁ ୧୮ଗ୍ରାମ୍ ବ୍ରାଉନ୍‌ସୁଗର ଜବତ ହୋଇଛି।

ସୂଚନାଯୋଗ୍ୟ ଯେ, ଗତ୧୩ ତାରିଖରେ ଏମ୍ସ ନିକଟସ୍ଥ ସିଜୁଆ ଖେଳପଡ଼ିଆ ନିକଟରେ ଦୁଇଜଣ ବ୍ୟକ୍ତି ବ୍ରାଉନ୍ ସୁଗାର ବିକ୍ରୟ କରିବା ଉଦ୍ଦେଶ୍ୟରେ ଅପେକ୍ଷା କରୁଥିବା ଦେଖାଯାଇଥିଲା। ପୁଲିସ ଦଳକୁ ଦେଖି ସେମାନେ ଖସିଯିବାକୁ ଚେଷ୍ଟା କରିଥିଲେ। ପୁଲିସ ସେମାନଙ୍କୁ ଧରି ପକାଇଥିଲା। ପରେ ସେମାନେ ନିଜ ପରିଚୟ ଏସ୍‌କେ ଜାହିର ଓରଫ ଏଣ୍ଡୁ ରାଜା ଏବଂ ବବଲୁ ଖାନ ବୋଲି ପ୍ରକାଶ କରିଥିଲେ। ଅଭିଯୁକ୍ତଙ୍କ ବ୍ୟକ୍ତିଗତ ତଲାସୀ ନିଆଯିବାରୁ ଅଭିଯୁକ୍ତ ଏସ୍‌କେ ଜାହିର ଓରଫ ଏଣ୍ଡୁ ରାଜା ଓରଫ ଶେଖ ରାଜାଙ୍କ ହେପାଜତରୁ ମୋଟ ୮.୦୫ ଗ୍ରାମ ବ୍ରାଉନ୍‌ସୁଗର ଓ ନଗଦ ୨ହଜାର ଟଙ୍କା ଏବଂ ଗୋଟିଏ ସ୍କୁଟି ଜବତ କରାଯାଇଥିଲା। ସେହିପରି ଅଭିଯୁକ୍ତ ବବଲୁ ଖାନ୍‌ଙ୍କ ନିକଟରୁ ୧୦.୦୫ ଗ୍ରାମ ବ୍ରାଉନ୍‌ସୁଗର୍ ଜବତ କରାଯାଇଥିଲା।

## ଶାଶ୍ୱତୀଙ୍କୁ ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ

ଭୁବନେଶ୍ୱର, ୧୪।୧୨(ସମିସ): ଶିଶୁ-କିଶୋରଙ୍କ ପ୍ରତିଭାର ବିକାଶ ନିମନ୍ତେ ବିଗତ ତିରିଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଆସୁଛି 'ଇଟିକିଲି ମିଟିକିଲି'। ଚଳିତବର୍ଷ ନିମନ୍ତେ ସ୍ୱନାମଧନ୍ୟ କିଶୋର କଣ୍ଠଶିଳ୍ପୀ ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟଙ୍କୁ ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ ଏବଂ ସ୍ୱର୍ଗତା ନିହାରିକା ସ୍ୱାଇଁ ଓ ପ୍ରଫେସର କାହ୍ନୁଚରଣ ସ୍ୱାଇଁ ଉଭୟ ପତିପତ୍ନୀଙ୍କୁ ଇଟିକିଲି ମିଟିକିଲି ଜେଜେବାପା ଜେଜେମାଆ ସମ୍ମାନ ପ୍ରଦାନ କରାଯିବ। ଏ ନେଇ ରବିବାର ଏକ ପ୍ରେସ୍ ବିବୃତ୍ତିରେ ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଛି। ଆସନ୍ତା ୨୧ ତାରିଖରେ ଜୟଦେବ ଭବନ ଠାରେ ଇଟିକିଲି ମିଟିକିଲି ଆୟୋଜନ କରିବାକୁ ଯାଉଛି 'ସଙ୍ଗୀତ ସୁରଭି'। ଏହି ଅବସରରେ ସ୍ୱାଇଁ ଦମ୍ପତିଙ୍କୁ ସମ୍ମାନିତ କରାଯିବ। ଏହିଦିନ ପାଲୁଅଲଡୁ ଦିବସ ପାଳନ କରାଯାଇ ଭଦ୍ରକ ପ୍ରସିଦ୍ଧ ପାଲୁଅଲଡୁ ବଣ୍ଟନ କରାଯିବ। ଏଥି ସହିତ ୩୦ ତମ ଉତ୍ସବ ଅବସରରେ ପୂର୍ବରୁ ଆୟୋଜିତ କଣ୍ଠସଙ୍ଗୀତ, ଓଡ଼ିଶୀ ନୃତ୍ୟ, ନାଦୟିକା ଇତ୍ୟାଦି ପ୍ରତିଯୋଗିତାର କୃତୀ ଶିଶୁ ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଶାଶ୍ୱତୀଙ୍କ ସମେତ ସାରା ରାଜ୍ୟର ବିଭିନ୍ନ ସ୍ଥାନରୁ ପନ୍ଦର ଜଣ ଶିଶୁକିଶୋର କଣ୍ଠଶିଳ୍ପୀ ଅଂଶଗ୍ରହଣ କରି ସୁମଧୁର କଣ୍ଠ ସଙ୍ଗୀତ ପରିବେଷଣ କରିବେ ବୋଲି ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ଜଣାଇଛନ୍ତି।

**ନିହାରିକା କାହ୍ନୁଚରଣଙ୍କୁ ଜେଜେବାପା-ଜେଜେମାଆ ସମ୍ମାନ**

## ଜେଲରେ ଥିବା ମହିଳାଙ୍କ ଘରୁ ଚୋରି ଘଟଣାରେ ଯୁବକ ଗିରଫ

ଭୁବନେଶ୍ୱର, ୧୪।୧୨(ସମିସ): ଜେଲ୍‌ରେ ଥିବା ଜଣେ ମହିଳାଙ୍କ ଘରୁ ଚୋରି ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପ୍ରଭାକର ବେହେରା। ତାଙ୍କ ଘର କଟକ ଜିଲ୍ଲା ନିଆଳି ଅଞ୍ଚଳରେ ହୋଇଥିଲା ବେଳେ ସେ କାରଗିଲବସ୍ତି ମଙ୍ଗଳା ସାହି ଅଞ୍ଚଳରେ। ଏହି ମାମଲାରେ ପୂର୍ବରୁ ପୁଲିସ ୬ଜଣଙ୍କୁ ଗିରଫ କରିଛି।



ସୂଚନାଯୋଗ୍ୟ ଯେ, ଏକ ଠକେଇ ମାମଲାରେ ଜଣେ ମହିଳା ଗିରଫ ହୋଇ ଜେଲରେ ଥିଲେ। ସେ ଜେଲରେ ଅଛନ୍ତି ଏବଂ ତାଙ୍କ ଘରେ କେହି ନାହାନ୍ତି ଜାଣି ଦୁର୍ବୃତ୍ତମାନେ ମହିଳାଙ୍କ ଘରେ କଳାକନା ବୁଲାଇ ଦେଇଥିଲେ। ସବୁକିଛି ନେଇ ଯାଇଥିଲେ। ସେ ଜାମିନରେ ମୁକୁଳି ଘରକୁ ଫେରିବା ପରେ ଦେଖିଥିଲେ ତାଙ୍କ ଘରର ତାଲା ଭଙ୍ଗାଯାଇଛି। ଅନେକ ମୂଲ୍ୟବାନ ଜିନିଷପତ୍ର ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ଜଣାପଡ଼ିଥିଲା ଯେ ବାବୁ ବେଜ୍‌ଙ୍କ ଗ୍ୟାଙ୍ଗ ଏଭଳି କାଣ୍ଡ ଘଟାଇଛନ୍ତି। ପୁଲିସ ଏହି ମାମଲାରେ ୬ଜଣଙ୍କୁ ଗିରଫ କରିଥିଲା।

**ପୂର୍ବରୁ ୬ଜଣଙ୍କୁ ବାନ୍ଧିଥିଲା ପୁଲିସ**

ପ୍ରଭାକରଙ୍କ ସମ୍ପୃକ୍ତି ଜଣାପଡ଼ିଥିଲେ ମଧ୍ୟ ସେ ଫେରାର ଥିଲେ। ରବିବାର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ତାଙ୍କୁ ଗିରଫ କରିଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ପ୍ରଭାକରଙ୍କ ନାମରେ ଏୟାରଫିଲ୍ଡ ଏବଂ ଏୟାରପୋର୍ଟ ଥାନାରେ ଚୋରି ଓ ଡକାୟତି ସମେତ ମୋଟ ୭ସାତଟି ଅପରାଧିକ ମାମଲାରେ ରହିଛି।

### ● ରାଜ୍ୟସ୍ତରୀୟ ଟି-୨୦ ପ୍ରତିଯୋଗିତା

## ଗନ୍ଧମାର୍ଦ୍ଦନ ୱାରିୟର ଚାମ୍ପିଅନ୍



ଭୁବନେଶ୍ୱର, ୧୪।୧୨(ସମିସ): ଅର୍ଥ ବିଭାଗ ଅଧୀନରେ ରହିଥିବା ଲୋକାଲ ଫଣ୍ଡ ଅଡିଟ୍ ପକ୍ଷରୁ ବାଣୀବିହାର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଟି-୨୦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କଳାହାଣ୍ଡି କିଲର୍‌ଙ୍କୁ ୧୬ ରନରେ ପରାସ୍ତ କରି ଗନ୍ଧମାର୍ଦ୍ଦନ ଏୱାରିୟର ଚମ୍ପିଆନ ହୋଇଛି। ପ୍ରଥମ ବ୍ୟାଟିଂ କରି ଗନ୍ଧମାର୍ଦ୍ଦନ ୱାରିୟର ୮୯ ରନ କରିଥିବାବେଳେ କଳାହାଣ୍ଡି ନିର୍ଦ୍ଧାରିତ ଓଭରରେ ୭୩ ରନ କରି ପରାସ୍ତ ହୋଇଛି। ମ୍ୟାଚର ଶ୍ରେଷ୍ଠଖେଳାଳୀ ଭାବେ ରାଜାରାମ ପ୍ଲେୟାର୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ମ୍ୟାଚ୍‌ରେ ଭଲ ବୋଲିଂ ପାଇଁ ଲଳିତଙ୍କୁ ପୁରସ୍କୃତ କରାଯାଇଛି। ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ପାଣ୍ଠି ସମୀକ୍ଷାର ସ୍ୱତନ୍ତ୍ର ସଚିବ ତଥା ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ନାୟକ, ଅତିରିକ୍ତ ନିର୍ଦ୍ଦେଶିକା ଚିରସ୍ମିତା ସାହୁ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ କାର୍ଯ୍ୟରତ ୨୭ଟି ସ୍ଥାନୀୟ ସମୀକ୍ଷା ପାଣ୍ଠିଙ୍କ ମଧ୍ୟରେ ସମନ୍ୱୟ ଓ ଭାଇଚାରା ବଢ଼ାଇବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ମୋଟ୍ ୮ଗୋଟି ଜୋନରୁ ୮ଟି ଦଳ ଭାଗ ନେଇଥିଲେ।

## ବାଲିଅନ୍ତାରେ ବଢୁଛି ଚୋରା ମାଦକ ଦ୍ରବ୍ୟ କାରବାର

ବାଲିଅନ୍ତା, ୧୪।୧୨(ସମିସ): ବାଲିଅନ୍ତା ଥାନା ଓଲାରବିନ୍ଧା ଏବେ ଚୋରା ମଦ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି। ଖାଲି ଓଲାରବିନ୍ଧା ନୁହେଁ ସମଗ୍ର ବାଲିଅନ୍ତା ଥାନା ଅଞ୍ଚଳ ଚୋରା ନିଶା ସାମଗ୍ରୀର ଗୋଦାମ ପାଲଟିଛି। ବର୍ଷ ବର୍ଷ ଧରି ଚୋରା ମଦ କାରବାର ଚଳାଉଥିବା ବେପାରୀଙ୍କ ଉପରେ ପୁଲିସ କିମ୍ବା ଅବକାରୀ ବିଭାଗର ଯେମିତି ନଜର ପଡୁନି। ଯଦିଓ କେବେ କେମିତି ପୁଲିସ ଏବଂ ଅବକାରୀ ବିଭାଗ ମଦ ଦୋକାନରେ ଚଢ଼ଉ କରିବାକୁ ଯାଉଛି, ତା' ପୂର୍ବରୁ ମଦ ବେପାରୀ ଚତୁରତା ସହ ଖସି ଯିବାରେ ସକ୍ଷମ ହେଉଛି। ଦିନ ପିଛା ଏହି ଚୋରା ମଦ ବେପାରୀ ପେଟି ପେଟି ଦେଶୀ, ବିଦେଶୀ ମଦ ଓ ବିଅର ବିକୁଛି। ଅନ୍ୟ ଛୋଟ ମଦ ବେପାରୀକୁ ମଧ୍ୟ ମଦ ଯୋଗାଉଥିବା ଜଣାପଡ଼ିଛି। ଦୀର୍ଘ ୨୦ବର୍ଷ ଧରି ବେଧଡ଼କ କାରବାର ଚଳାଇଛି। ନାମକୁ ମାତ୍ର ପୁଲିସ କିମ୍ବା ଅବକାରୀ ବଭାଗ ଦୋକାନରେ ଚଢ଼ଉ କରି ସମ୍ପୃକ୍ତ ମାଫିଆକୁ ବାନ୍ଧୁଛି। ହେଲେ ସେ ଜାମିନରେ ଆସି ପୁଣି କାରବାର ଚଳାଇଛନ୍ତି। ଅପରପକ୍ଷରେ ବିଷାକ୍ତ ମଦ ପିଇ ବାଲିଅନ୍ତା ଅଞ୍ଚଳରେ ଏକାଧିକ ନିଶାଡ଼ିଙ୍କର ମୃତ୍ୟୁ ଘଟିଥିବାର ନଜିର ରହିଛି। ଅନେକ ପରିବାର ସର୍ବସ୍ୱାନ୍ତ ହୋଇଯାଉଛି। କେବଳ ଓଲାରବିନ୍ଧା ନୁହେଁ, ବଇଁଚୁଆ ଛକ ରାମ ଦୋକାନ, ବଇଁଚୁଆ ଗାଁ ଭିତର, ବାଲିଅନ୍ତା, ପଥର କୋଟ, ଇଟା ଭାଟି ବାସୁଆ ଭାଟି ଅଞ୍ଚଳ, କେନାଲ ସାଇଫନ, ବାବୁରାମ ବଜାର, ଭିଙ୍ଗାରପୁର, ଖମଙ୍ଗ କ୍ୟାଣ୍ଟିନ, ସୁଧାଡ଼ଙ୍ଗୀ, ଦିୱାନପାଟଣା ଆଦି ଅଞ୍ଚଳରେ ଏବେ ଚୋରା ମଦ ବହୁଳ ମାତ୍ରାରେ ଚାଲିଛି। ଏମିତିକି ଦିନ ଦିପହରେ ନିଶାଡ଼ିଙ୍କ ଉତ୍ପାତ ଯୋଗୁଁ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ମହିଳା ଉକ୍ତ ରାସ୍ତାରେ ଯାତାୟାତ କରିବାକୁ ନିରାପଦ ଭାବୁ ନାହାନ୍ତି। ଏହାଛଡ଼ା ଚୋରା ଗଞ୍ଜେଇ, ଭାଙ୍ଗ, ଧଳା ଜହର, ଅଫିମ କାରବାର ମଧ୍ୟ ବୃଦ୍ଧି ପାଇଛି। ପୁଲିସ ଏବଂ ଅବକାରୀ କମିସନର ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ ନେଇ ଅଞ୍ଚଳବାସୀ ଦାବି କରିଛନ୍ତି।

## କିନ୍ନରଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ଘଟଣାରେ ଯୁବକ ଗିରଫ

ଫୁଲନଖରା, ୧୪।୧୨ (ସମିସ): କଟକ ସଦର ଥାନା ତେନ୍ତୁଳିନାଳି ଅଞ୍ଚଳରେ କିନ୍ନର ଭିକ୍ଷା କରୁଥିବା ସମୟରେ ଜଣେ ଯୁବକ ତାଙ୍କୁ ମାଡ଼ମାରି ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ସଦର ଥାନା ପୁଲିସ୍ ଜଣକୁ କୋର୍ଟ ଚାଲାଣ କରିଛି। ଗତକାଲି ରାତିରେ ତେନ୍ତୁଳିନାଳି ଗ୍ରାମର ଯତିନ୍ଦ୍ର ଦାସଙ୍କ ପୁଅ ସୁକାନ୍ତ ଜଣେ କିନ୍ନର ନିକଟକୁ ଯାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। କିନ୍ନର ଟଙ୍କା ନଦେବାରୁ ସେ ତାଙ୍କୁ ମାଡ଼ ମାରିବା ସହିତ ତାଙ୍କ ଭ୍ୟାନିଟିରୁ ୩ହଜାର ଟଙ୍କା ଛଡେଇ ନେଇ ପଳାଇ ଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଚିତ୍ତରଂଜନ ସାହୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ସୂତ୍ରରୁ ପ୍ରକାଶ।

## ଅଭିନେତ୍ରୀ ସୋନାଲିଙ୍କ ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୪।୧୨(ସମିସ): ତୁଳସୀ ଗଣନାଟ୍ୟର ଅଭିନେତ୍ରୀ ସୋନାଲି ପଣ୍ଡାଙ୍କ ଅଭିଯୋଗକ୍ରମେ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କୁ ଗିରଫ କରିଛି ପୁରୀ ପୁଲିସ। ରବିବାର କୃଷ୍ଣପ୍ରସାଦ ଥାନା ପୁଲିସ ଶ୍ରୀକ୍ଷେତ୍ରଙ୍କୁ ଭୁବନେଶ୍ୱରରୁ ଗିରଫ କରି ପୁରୀ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।



ସୂଚନା ଅନୁସାରେ, କିଛି ମାସ ହେବ ସାରା ରାଜ୍ୟରେ ତୁଳସୀ ଗଣନାଟ୍ୟର ନାୟିକା ସୋନାଲି ପଣ୍ଡା ଓରଫ କାଗଜି ପଲେଇ ଏବଂ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାର ଓରଫ ଜନଙ୍କ ବିବାଦ ନେଇ ଚର୍ଚ୍ଚା ଲାଗିରହିଛି। ଯାତ୍ରା ପାର୍ଟିର ମାଲିକ ଓ ଶ୍ରୀକ୍ଷେତ୍ର ମଧ୍ୟରେ ବିବାଦ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଥିଲା। ସୋନାଲି ଏବଂ ଶ୍ରୀକ୍ଷେତ୍ର ଉଭୟଙ୍କ ଘର କୃଷ୍ଣପ୍ରସାଦ ବ୍ଲକ୍‌ରେ ଅଟେ। ବିବାଦକୁ ନେଇ ସୋନାଲି ଗତ ଅଗଷ୍ଟ ୪ ତାରିଖରେ କୃଷ୍ଣପ୍ରସାଦ ଥାନାରେ ଶ୍ରୀକ୍ଷେତ୍ରଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ କରିଥିଲେ। ତେବେ ଘଟଣା ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି କି, ଗତ ଅଗଷ୍ଟ ୪ରେ କୃଷ୍ଣପ୍ରସାଦ ଥାନାରେ ଜଣେ ମହିଳାଙ୍କ ପକ୍ଷରୁ ଶ୍ରୀକ୍ଷେତ୍ର ବିରୋଧରେ ଅଭିଯୋଗ ହୋଇଥିଲା କି ୨୦୧୨ରେ ସେ ନାବାଳିକା ଥିବାବେଳେ ଶ୍ରୀକ୍ଷେତ୍ରଙ୍କ ସହ ସମ୍ପର୍କ ରହିଥିଲା। ସେ ନାବଳିକା ଥିବାବେଳେ ତାଙ୍କର ଏକ ପୁଅ ହୋଇଥିଲା। ଶ୍ରୀକ୍ଷେତ୍ର ତାଙ୍କୁ ଘରେ ରଖିଥିଲେ ପରେ ତୁଳସୀ ଗଣ୍ୟନାଟ୍ୟକୁ ନେଇଥିଲେ। ସେଠାରେ ଦୁହିଁଙ୍କର ସମ୍ପର୍କ ଭାଙ୍ଗିଯାଇଥିଲା। ଶ୍ରୀକ୍ଷେତ୍ର ତାଙ୍କୁ ଧରାଛୁଆଁ ଦେଇ ନ ଥିଲେ। ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଯାହାକୁ ନେଇ ସୋନାଲି ଏକ ମାମଲା ରୁଜୁ କରିଥିଲେ କୃଷ୍ଣପ୍ରସାଦ ଥାନାରେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ରଙ୍କୁ ଗିରଫ କରି ପୁରୀ ଆଣିବା ସହ କୋର୍ଟ ଚାଲାଣ କରାଯାଇଛି।

### ବଦଳି ନିର୍ଦ୍ଦେଶ ମାନୁନାହାନ୍ତି କର୍ମଚାରୀ

# ୧୮ ଜଣଙ୍କ ଦରମା ବନ୍ଦ କଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୧୪।୧୨(ସମିସ): ସରକାରୀ ବଦଳି ନିର୍ଦ୍ଦେଶକୁ କର୍ମଚାରୀମାନେ ମାନୁନାହାନ୍ତି। ମାସମାସ ଧରି ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲେ ମଧ୍ୟ ନୂତନ ସ୍ଥାନରେ ଯୋଗଦେଉ ନାହାନ୍ତି। ବଦଳି ନିର୍ଦ୍ଦେଶନାମାକୁ ଉଲଂଘନ କରିଥିବା ୧୮ ଜଣ ଅଧିକାରୀଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ସ୍ୱରୂପ ଦରମା ବନ୍ଦ କରିବା ପାଇଁ ପଦକ୍ଷେପ ନେଇଛି ଗଣଶିକ୍ଷା ବିଭାଗ।

ସୂଚନା ଅନୁଯାୟୀ ଗଣଶିକ୍ଷା ବିଭାଗର ବଦଳି ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିଥିବା ୧୮ ଜଣ ଅଧିକାରୀଙ୍କ ଦରମା ବନ୍ଦ କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ପ୍ରକାଶ କୁମାର ଦାସ, ଲକ୍ଷ୍ମୀପ୍ରିୟା ଦଳବେହେରା, ଦୀପକ କୁମାର ବେହେରା ଏବଂ ଅନୁରାଧା ଦାସଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଏବଂ ତ୍ରିଲୋଚନ ସାହୁଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିଲା। ସେହିପରି ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଉପେନ୍ଦ୍ର କୁମାର ସ୍ୱାଇଁ, ବିଭୂତି ଭୂଷଣ ଦାସ, ଜଗନ୍ନାଥ ବିଶ୍ୱାଳ, ଦିଗାମ୍ବର ସେଠୀ, ରାଜେଶ କୁମାର ତ୍ରିପାଠୀଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଅପରାଜିତା ଦାସ, ସୁଜିତ କୁମାର ସାମଲ, ଜଗଦୀଶ ପ୍ରସାଦ ସାହୁଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିଲା। ଅନୁରୂପ ଭାବରେ ସୁଶ୍ରୀ ସଙ୍ଗୀତା ଏବଂ ରଣଜିତ କୌରଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିଲା। ପ୍ରାଥମିକ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଏଏସ୍‌ଓ ନିରଞ୍ଜନ ପରିଡ଼ା ଓ ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିଲା ବେଳେ ରାକେଶ କୁମାର ବେହେରାଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିଲା। ମାତ୍ର ଏହି ସମସ୍ତ ଅଧିକାରୀମାନେ ବଦଳି ନିର୍ଦ୍ଦେଶନାମାକୁ ବାରମ୍ବାର ଅବମାନନା କରିବାରୁ ସମସ୍ତଙ୍କ ଦରମା ବନ୍ଦ କରାଯାଇଛି।

**ଅନୁକମ୍ପା ପ୍ରଦର୍ଶନ କରୁଛି ଉଚ୍ଚଶିକ୍ଷା ବିଭାଗ, କିରାଣି କାମ କରୁଛନ୍ତି ଅଧ୍ୟାପକ**

ଅପରପକ୍ଷରେ ଉଚ୍ଚଶିକ୍ଷା ବିଭାଗର ବଦଳି ନିର୍ଦ୍ଦେଶକୁ ମଧ୍ୟ ଅଧିକାରୀମାନେ ମାନୁ ନ ଥିବା ଅଭିଯୋଗ ହୋଇଛି। ବିଜେବି କଲେଜର ଓଡ଼ିଆ ବିଭାଗ ସହକାରୀ ଅଧ୍ୟାପକ ଶୁଭ୍ରାଂଶୁ କୁମାର ବେହେରା ଉଚ୍ଚଶିକ୍ଷା ବିଭାଗରେ ଡେପୁଟେସନ୍‌ରେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ପୁନଃ କଲେଜକୁ ବଦଳି ପାଇଁ ଗତ ସେପ୍ଟେମ୍ବର ୩ ତାରିଖରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ନିର୍ଦ୍ଦେଶର ୪ମାସ ବିତିଥିଲେ ମଧ୍ୟ ସେ ବିଜେବି କଲେଜରେ ଯୋଗଦେଇ ନାହନ୍ତି। ଏପରିକି ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରୁ ତାଙ୍କୁ ରିଲିଭ୍ ମଧ୍ୟ କରାଯାଇ ନାହିଁ। ଅପରପକ୍ଷରେ ଗତ ମାସରେ ତାଙ୍କୁ ସ୍କଲାରସିପ୍ ଦାୟିତ୍ୱ ଦିଆଯାଇଛି। ଶିକ୍ଷାଦାନ ପାଇଁ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ସଙ୍କଟ ହେଉଥିବାବେଳେ କାହିଁକି ଜଣେ ଅଧ୍ୟାପକଙ୍କୁ କିରାଣୀ କାମ କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ବଦଳି ଆଦେଶକୁ ଅମାନ୍ୟ କରିଥିବା କର୍ମଚାରୀଙ୍କ ବିରୋଧରେ ଗଣଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ଉଚ୍ଚଶିକ୍ଷା ବିଭାଗ କାହିଁକି ଅନୁକମ୍ପା ଦେଖାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ଲିଙ୍ଗରାଜ ମନ୍ଦିର ସମ୍ମୁଖ ୱାଟର୍ ଏଟିଏମ୍ ଅଚଳ

## ବିଶୁଦ୍ଧ ପାଣିରୁ ବଞ୍ଚିତ ପର୍ଯ୍ୟଟକ



ଭୁବନେଶ୍ୱର, ୧୪ ।୧୧ (ସମିସ): ପର୍ଯ୍ୟଟନ ଋତୁ ଚାଲିଥିବା ବେଳେବେଳେ ରାଜଧାନୀକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଛି । ପର୍ଯ୍ୟଟକମାନେ ଏକାମ୍ରକ୍ଷେତ୍ରରେ ବିଭିନ୍ନ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନ କରିବା ପାଇଁ ଆସୁଛନ୍ତି। ହେଲେ ମନ୍ଦିର ପାର୍ଶ୍ୱରେ ଯାତ୍ରୀମାନେ ବିଶୁଦ୍ଧ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି । ସିଂହଦ୍ୱାର ସାମ୍ନାରେ ବିଏମ୍‌ସି ପକ୍ଷରୁ ୱାଟର ଏଟିଏମ୍ ବସାଯାଇଥିଲା। ଯାତ୍ରୀମାନେ ୱାଟର ଏଟିଏମ୍‌ରେ ୧ଟଙ୍କା ଭର୍ତ୍ତି କରି ବିଶୁଦ୍ଧ ଜଳ ପିଇ ପାରୁଥିଲେ। ହେଲେ ଏବେ ୱାଟର ଏଟିଏମ୍ ଭାଙ୍ଗିରୁଜି ଗଲାଣି। ବିଏମ୍‌ସି ପକ୍ଷରୁ ତାହାକୁ ମରାମତି କରାଯାଉ ନାହିଁ ପର୍ଯ୍ୟଟନ ଋତୁରେ ଦେଶବିଦେଶରୁ ଆସୁଥିବା ଯାତ୍ରୀ ପିଇବା ପାଣି ଟିକେ ନପାଇ ନିରାଶ ହୋଇ ଫେରୁଛନ୍ତି। ଏଥିସହିତ ଅନେକ ପର୍ଯ୍ୟଟକ ପଇସା ଦେଇ ବାହାରୁ ପାଣି କିଣିକି ପିଉଛନ୍ତି ଏହାକୁ ନେଇ ଅନେକ ପର୍ଯ୍ୟଟକ କ୍ଷୋଭ ପ୍ରକାଶ କରିଛନ୍ତି।

ବାହାରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହା ଏକ ଅପମାନ ସଦୃଶ । ଏତେ ବଡ଼ ମନ୍ଦିର ହେଲେ ପାଣି ପାଇବାର ସୁବିଧା ନାହିଁ। ଯଦି ପାଣି ଆସୁନାହିଁ ତେବେ ମେସିନ୍ କାଢ଼ି ଦବା କଥା। ପ୍ରଶାସନ ଶ୍ରଦ୍ଧାଳୁଙ୍କ ପାଇଁ ଏହି ସବୁ ଛୋଟ ଛୋଟ କଥାକୁ ଧ୍ୟାନ ଦେବା ଦରକାର। ବାହାରୁ ଅସୁଥିବା ପର୍ଯ୍ୟଟକ ଏଠାରୁ ଭଲ ଅନୁଭୂତି ନେଇ ଫେରନ୍ତୁ ବୋଲି କଟକର ରଶ୍ମିତା ରାଉତରାୟ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ପଇସା ଦେଇ ବାହାରୁ ପାଣି କିଣିକି ପିଇବାକୁ ପଡୁଛି। ଯଦି ପଇସା ଦେଇ ବାହାରୁ ପାଣି କିଣି ପିଇବୁ ତେବେ ଏହି ଏଟିଏମ୍‌କୁ ଶିଘ୍ର କାଢ଼ିଦବା ଦରକାର ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବିଏମ୍‌ସି ପକ୍ଷରୁ ରାଜଧାନୀର ୫୦ଟି ସ୍ଥାନରେ ୱାଟର ଟର ଏଟିଏମ୍ ବସାଯାଇଥିଲା କାହାର କୁଲିଂ ମେସିନ ଚୋରି ହୋଇଗଲାଣି ତ କାହାର ମେସିନ୍‌ରେ କଏନ ଭର୍ତ୍ତି କଲେ ପଦାକୁ ଫିଙ୍ଗି ଦେଉଛି ପୁଣି କେଉଁ ୱାଟର ଏଟିଏମ୍‌ର ଭିତର ଯନ୍ତ୍ରାଂଶ ଚୋରି ହୋଇଗଲାଣି। ୱାଟର ଏଟିଏମ୍‌ର ଅଭାବନୀୟ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। ଏକାମ୍ରକ୍ଷେତ୍ରର ସୁକୁଟେଶ୍ୱର ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାର, ଚିତ୍ରକାରିଣୀ ମନ୍ଦିର ସାମ୍ନା ଓ କେଦାରଗୌରୀ ମନ୍ଦିର ନିକଟରେ ବିଏମ୍‌ସି ପକ୍ଷରୁ ୱାଟର ଏଟିଏମ୍ ବସାଯାଇଥିଲା। ରାଜଧାନୀବାସୀଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲକ୍ଷ୍ୟରେ ବିଏମ୍‌ସି ୱାଟର ଏଟିଏମ୍ ଯୋଜନା ଆରମ୍ଭ କରିଥିଲା। ଏଥିପାଇଁ ବିଏମ୍‌ସି ରାଜଧାନୀର ପ୍ରତ୍ୟେକ ଛକ, ବସ୍ତିଠୁ ଆରମ୍ଭ କରି ରାସ୍ତା କଡ଼ରେ ସମସ୍ତଙ୍କ ପାଇଁ ଏହି ସୁବିଧା ଯୋଗାଇବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲା। କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଏମ୍‌ସି ଏହାକୁ ମରାମତି କରିବା ବଦଳରେ ଯୋଜନାକୁ ବାଟବଣା କରି ଦଉଛି।

● ୩୫ତମ ଦକ୍ଷିଣଏସିୟ ମୈତ୍ରୀ ଉତ୍ସବ

## ଚିତ୍ତରଞ୍ଜନଙ୍କ ନୃତ୍ୟରେ ବିଭୋର ଦର୍ଶକ



ଭୁବନେଶ୍ୱର, ୧୪ ।୧୨(ସମିସ): ଗଞ୍ଜାମ ଗୋପାଳପୁରସ୍ଥିତ ସମୁଦ୍ର ବେଳାଭୂମିରେ ତିନିଦିନ ବ୍ୟାପି ଦକ୍ଷିଣ ଏସିୟ ରାଷ୍ଟ୍ର ସମୂହର ୩୫ତମ ରାଷ୍ଟ୍ରୀୟ ସମ୍ମିଳନୀ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଭାରତର ୧୮ଟି ରାଜ୍ୟର ୨ଶହରୁ ଅଧିକ ପ୍ରତିନିଧି ଯୋଗଦେଇ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡ଼ିଶାରୁ ନୃତ୍ୟଶାଳା, ସଂସ୍କୃତିକେନ୍ଦ୍ର କଟକର ପ୍ରତିଷ୍ଠାତା ଅଧ୍ୟକ୍ଷ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ଆଧ୍ୟାତ୍ମିକ ଭରା ରାମାୟଣ ଓ ମହାଭାରତର କଥାବସ୍ତୁ ସମ୍ବଳିତ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ଗୀତାଞ୍ଜଳି ଦାସ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ସଭାପତି ଦୀପକ ମାଲବ୍ୟ ସମ୍ପାଦକ ରବିନାରାୟଣ ମହାନ୍ତି ଓ ସମାଜର ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ପ୍ରଶଂସା କରିଥିଲେ।

## ଓୟୁଟିଆର୍‌ରେ ପୁରାତନ ଛାତ୍ର ସଂଘର ସମ୍ମିଳନୀ



ଭୁବନେଶ୍ୱର, ୧୪ ।୧୨(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ପୁରାତନ ଛାତ୍ର ସଂଘର ସମ୍ମିଳନୀ 'ରିୱାଇଣ୍ଡ ୨୦୨୫' ଅନୁଷ୍ଠିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଓ ପାରଦର୍ଶିତା ହାସଲ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ସମାଜସେବା ପାଇଁ ରିୟର ଆଡମିରାଲ୍ ଏସ୍. ଗନ୍ତାୟତ, ଶିକ୍ଷାଗତ ଉତ୍କର୍ଷତା ପାଇଁ ଡ. ଅଶୋକ କୁମାର ସାହୁ, ଶିଳ୍ପ କ୍ଷେତ୍ରରେ ନେତୃତ୍ୱ ପାଇଁ ଡ. ଦେବବ୍ରତ ଦାଶ, ଯୁବ ପ୍ରତିଭା ସମ୍ମାନରେ ମୁକେଶ କୁମାର ନାୟକ ଏବଂ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀମୟୀ ଦେବସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି) ଭାବେ ପରିଚିତ ଏହି ଶିକ୍ଷାନୁଷ୍ଠାନ ୨୦୨୧ ରେ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ସେବେଠାରୁ ଏବେ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ପାଇଥିବା ସ୍ୱର୍ଣ୍ଣିମ ସଫଳତା ସମ୍ପର୍କରେ ପୁରାତନ ଛାତ୍ରଛାତ୍ରୀମାନେ ସ୍ମୃତିଚାରଣ କରିଥିଲେ। ଗୌରବମୟ ଅତୀତ ଓ ଗତିଶୀଳ ବର୍ତ୍ତମାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନେ ସଂକଳ୍ପ ନେଇଥିଲେ। ପୁରାତନ ଛାତ୍ରସଂଘର ସଭାପତି ତଥା କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଡ. ଶୁଭେନ୍ଦୁ ପଟ୍ଟନାୟକ, ସମ୍ପାଦକ ପ୍ରଫେସର ବିକ୍ରମ ବାହିନୀପତି, କୋଷାଧ୍ୟକ୍ଷ ପ୍ରଫେସର ବିଭୁ ପ୍ରସାଦ ଦାଶ, ପ୍ରଫେସର ମୀରା ବିଶ୍ୱବନ୍ଧ୍ୟାଙ୍କ ସମେତ ଦେଶ ବିଦେଶରେ କାର୍ଯ୍ୟରତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ରବୀନ୍ଦ୍ର ମଣ୍ଡପରେ 'ଭକ୍ତ ଝୋଲିଆ କବୀର'

ଭୁବନେଶ୍ୱର, ୧୪।୧୨(ସମିସ): ଜଗନ୍ନାଥଙ୍କ ଦର୍ଶନରେ ସବୁ ମଣିଷ ସମାନ ସେଠାରେ ହିନ୍ଦୁ, ମୁସଲମାନ, ଦଳିତ, ପତିତ, ଧନୀ, ଦରିଦ୍ର ସମସ୍ତେ ଈଶ୍ୱରଙ୍କ ପ୍ରିୟପାତ୍ର ହୋଇଯାଇ ପାରନ୍ତି। ତାଙ୍କ ନିକଟରେ ପ୍ରେମ ଓ ସମର୍ପଣ ହିଁ ଏକମାତ୍ର ଯୋଗ୍ୟତା। ମଣିଷ ପଣିଆ ହିଁ ଜୀବନର ସର୍ବୋଚ୍ଚ ପ୍ରାପ୍ତି। ବାକିସବୁ ସେଠାରେ ଅନାବଶ୍ୟକ। ଯିଏ ଈଶ୍ୱରଙ୍କ ନିକଟରେ ନିଜକୁ ଶୂନ୍ୟ ଭାବରେ ପ୍ରତିଷ୍ଠିତ କରି ତାଙ୍କର ଶରଣାପନ୍ନ ହୋଇ ପାରିଲା ସମାଜ ଚକ୍ଷୁରେ ସେ ଯେତେ ହୀନ ଦୀନ ହେଲେ ମଧ୍ୟ ପ୍ରଭୁଙ୍କର ପ୍ରିୟପାତ୍ର ଭାବେ ତାଙ୍କର କୃପା ଲାଭ କରି ଧନ୍ୟ ହୋଇ ପାରିବ। ତାଙ୍କର ଅନନ୍ୟ ଭକ୍ତି ଭାବରେ ପରିଚିତ ପାଇପାରିବ। ତେଣୁ ଆମକୁ ମଣିଷ ମଣିଷ ଭିତରେ ଭିନ୍ନ ଭିନ୍ନ ଭେଦଭାବ ଭୁଲି ମାନବିକତାର ମୂଲ୍ୟବୋଧରେ ନରକୁ ନାରାୟଣ ଜ୍ଞାନରେ ଜନମାନବର ସେବା ବ୍ରତରେ ଉଦ୍‌ବୁଦ୍ଧ ହେବାକୁ ପଡ଼ିବ। ଏହା ହିଁ ଆଜିର ସର୍ବୋତ୍କୃଷ୍ଟ ଆହ୍ୱାନ ରହିଛି। ଏହିପରି କିଛି କଥା ବସ୍ତୁକୁ ନେଇ ଦାଢ଼୍ୟତା ଭକ୍ତି ବିଷୟ ବସ୍ତୁରୁ ଅନୀତ ହୋଇଥିବା



ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟ ଧାରାର ନାଟକ 'ଭକ୍ତ ଝୋଲିଆ କବୀର' ରବିବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ପ୍ରଯୋଜନା ନାୟିକା ବାଲେଶ୍ୱର ପରିବାର କରିଥିବା ବେଳେ ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ସୁସ୍ମିତା ରଣା ପଟ୍ଟନାୟକ କରିଛନ୍ତି। ନାଟକର ରଚନା ନବୀନ ପରିଡ଼ା, ସଙ୍ଗୀତ ଶକ୍ତି ପ୍ରସାଦ ରହିଛନ୍ତି। ଅତିଥି ଭାବେ ସମୟର ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରଦୀପ କୁମାର ମିଶ୍ର ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟକର ନାଟ୍ୟକାର ନବୀନ କୁମାର ପରିଡ଼ା ଯୋଗ ଦେଇଥିଲେ। ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେର ସଭାରେ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ। ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରେହମାନ ପେଟ୍ରୋଲ୍ ପମ୍ପର ବନ୍ଧୁ ମିଳନ




ଭୁବନେଶ୍ୱର, ୧୪।୧୨(ସମିସ): ସେକ୍ ରେହମାନ ଏବଂ ଏସ୍.ଏଫ୍. ରହମନ ପେଟ୍ରୋଲ ପମ୍ପ ପକ୍ଷରୁ ତିନିଦିନିଆ ଗ୍ରାହକ ସନ୍ତୁଷ୍ଟି ପାଇଁ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ବିପିସିଏଲ୍‌ର ମ୍ୟାନେଜର ହିତେଶ୍ୱର ବୋରୋ, ସୌମ୍ୟ ଜନ୍ୟ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ପଦାଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପେଟ୍ରୋଲ ପମ୍ପର ସ୍ୱତ୍ତ୍ୱାଧିକାରୀ ସେକ୍ ହଟୁଦୂର ରହମନ୍, ସେକ୍ ସମସୁର ରହମନ ଏବଂ ସେକ୍ ସକିଲୁର ରହମନ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ପେଟ୍ରୋଲ ପମ୍ପରେ କିଭିଳି ସୁବିଧା ସୁଯୋଗ ଓ ଯୋଜନା ପ୍ରଦାନ କରାଯାଉଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ସଭାରେ ଗ୍ୟାରେଜ୍ ଗ୍ରାହକ, ଟ୍ରାନ୍ସପୋର୍ଟ ଗ୍ରାହକ, ମାର୍ବଲ ଡିଲର, ଟ୍ରକ୍ ମାଲିକ୍ ସଂଘ, ଅଟୋମୋବାଇଲ୍ ଡିଲର, କାର୍ ଶୋ' ରୁମ୍ ମାଲିକଙ୍କୁ ନିମନ୍ତ୍ରଣ କରାଯାଇ ୩୦୦ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉପହାର ପ୍ରଦାନ କରାଯାଇଥିଲା। ସେହିଭଳି ପେଟ୍ରୋଲ୍ ପମ୍ପର ସର୍ବୋତ୍ତମ ସେଲସ୍ ମ୍ୟାନ୍ ଭାବରେ ୭ଜଣଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଏହି ପେଟ୍ରୋଲ ପମ୍ପ ୫୦ ବର୍ଷ ପୂର୍ତ୍ତି କରିଥିଲାବେଳେ ତନ୍ମଧ୍ୟରୁ ୩୦ ବର୍ଷରୁ ଊର୍ଦ୍ଧ୍ୱ ଗ୍ରାହକମାନେ ଆମ ସେବାରେ ଜଡ଼ିତ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ କର୍ମଚାରୀ ଜାକିର ଖାନ୍, ସାନ୍ତନୁ ପାଣି, ପ୍ରମୋଦ କିଶୋର ପରିଡ଼ା, ହୃଷିକେଶ ପ୍ରଧାନ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ୟୁନିଟ୍ ୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'କନ୍ୟା ଶିବିର'



ଭୁବନେଶ୍ୱର, ୧୪ ।୧୨(ସମିସ): ୟୁନିଟ୍ ୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'କନ୍ୟା ଶିବିର' ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏବଂ ଅତିରିକ୍ତ ଡିସିପି ସୁବ୍ରତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ପ୍ରଦେଶ ଭଞ୍ଜନ ମିଶ୍ର, ଉପସଭାପତି ଡ. ମନୋରଞ୍ଜନ ରାଉତ ଓ ଅନ୍ୟ ସମସ୍ତ ସଦସ୍ୟମାନଙ୍କର ମାର୍ଗଦର୍ଶନରେ ଆଚାର୍ଯ୍ୟା ମୀନା ମିଶ୍ରଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସ୍ୱପ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମା, ମାତୃମଣ୍ଡଳୀର ସଦସ୍ୟା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରୀ ଉପସ୍ଥିତ ରହିଥିଲେ।

## ଟିକିବାବାଙ୍କୁ ଆମ୍ବେଦକର ବିଶିଷ୍ଟ ସେବା ଜାତୀୟ ପୁରସ୍କାର




ନନ୍ଦନକାନନ, ୧୪।୧୨(ସମିସ): ଡ଼ା. ଟିକି ବାବାଙ୍କୁ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ପ୍ରତିଷ୍ଠିତ 'ଡ଼ା. ଆମ୍ବେଦକର ବିଶିଷ୍ଟ ସେବା ଜାତୀୟ ପୁରସ୍କାର-୨୦୨୫'ରେ ସମ୍ମାନିତ କରାଯାଇଛି। ଆଦିବାସୀ ସମାଜର ଅଧିକାର ସୁରକ୍ଷା ଓ ଉନ୍ନତି ପାଇଁ ତାଙ୍କର ଅବିରତ ସଂଘର୍ଷ ଯୋଗୁଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏହି ସମ୍ମାନଜନକ ପୁରସ୍କାର ଡ଼ା. ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ର, ନୂଆଦିଲ୍ଲୀର ଆର୍ତ୍ତି ଜାତୀୟ ସମ୍ମିଳନୀ ହଲ୍‌ରେ ଆୟୋଜିତ ଏକ ସମାରୋହରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ଜାତୀୟ ଅଧ୍ୟକ୍ଷ ଡ଼ା.ସୋହନ ଲାଲ ସୁମନାକ୍ଷରଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିଲା। ଏହି ସଫଳତା ଉପଲକ୍ଷେ ଓଡ଼ିଶା ବିଶ୍ୱାବସୁ ସବର ସମାଜ, ଭାରତୀୟ ଆଦିବାସୀ ମହାସଭା ପକ୍ଷରୁ ଡ଼ା. ଟିକି ବାବାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଅନୁବାଦ ପୁସ୍ତକ 'କବିତା ଗୋଟିଏ ଧର୍ମ' ଲୋକାର୍ପିତ

ଭୁବନେଶ୍ୱର, ୧୪।୧୨(ସମିସ): ଶାନ୍ତିସେନା ପବ୍ଲିକେସନ ଆନୁକୂଲ୍ୟରେ ପୁସ୍ତକମେଳାରେ ଅନୁବାଦ ପୁସ୍ତକ 'କବିତା ଗୋଟିଏ ଧର୍ମ' ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଦୀପକ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ପ୍ରଫେସର ଯତୀନ ନାୟକ, ପ୍ରସିଦ୍ଧ ଅନୁବାଦକ ଡ. ସଂଗ୍ରାମ ଜେନା ଯୋଗଦେଇ ଅନୁବାଦର ଗୁରୁତ୍ୱ ଓ ଅନୁଦିତ ଭାଷା ସାହିତ୍ୟର ସାମର୍ଥ୍ୟ ବୃଦ୍ଧିରେ ତାହାର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରସିଦ୍ଧ କବି, ଅନୁବାଦକ ଓ ପ୍ରାବନ୍ଧିକ କେ. ସଚ୍ଚିଦାନନ୍ଦନଙ୍କ ଲିଖିତ ୪୦ଟି କବିତାର ଅନୁବାଦ କରିଛନ୍ତି କବି ଓ ଅନୁବାଦକ ସୂର୍ଯ୍ୟ ମିଶ୍ର। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରକାଶକ ରଜତରଶ୍ମୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ପୁସ୍ତକରୁ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ରକ୍ଷକ ନାୟକ, ପ୍ରମୋଦ ପ୍ରଧାନ, ମୁକୁଲ ମିଶ୍ର, କଥାକାର ଆଭାସ ବରାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ଷଣପ୍ରଭା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବନଫୁଲ ପୁସ୍ତକ ପର୍ବରେ ୬ ବହି ଲୋକାର୍ପିତ



ଭୁବନେଶ୍ୱର, ୧୪ ।୧୨(ସମିସ): ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ସପ୍ତମ ଦିନରେ ବନଫୁଲ ପୁସ୍ତକ ପର୍ବ ଓ କବିତା ମଞ୍ଚ ଶହୀଦ ବାଜି ରାଉତ ମଞ୍ଚରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଉତ୍ସବକୁ ବନଫୁଲର ସମ୍ପାଦକ କଥାକାର ରତ୍ନାକର ନାୟକ ପୌରୋହିତ୍ୟ କରିଥିବା ବେଳେ ଓ ବିଶିଷ୍ଟ କବି ମନୋରମା ବିଶ୍ୱାଳ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ଗୌରହରି ଦାସ, ମୁଖ୍ୟ ବକ୍ତା ବିଶିଷ୍ଟ କବି ସଂଗ୍ରାମ ଜେନା, ସମ୍ମାନିତ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇ ଥିଲେ। ଗାଳ୍ପିକ ପ୍ରଦୀପ ନାୟକ ସ୍ୱାଗତ ଅଭିଭାଷଣ ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରକାଶକୀୟ ଅଭିବ୍ୟକ୍ତି ଓ ଅଧ୍ୟାପିକା ଶର୍ମିଷ୍ଠା ମହାପାତ୍ର ସଭା ସଞ୍ଚାଳନ କରିଥିଲେ। ଏହି ପୁସ୍ତକ ଉନ୍ମୋଚନ ପର୍ବରେ ଭାଗୀରଥି ବେହେରାଙ୍କ ଉପନ୍ୟାସ 'ଚକ୍ରବ୍ୟୁହ', ସୁଷମା ପରିଜାଙ୍କ ପ୍ରବନ୍ଧ ପୁସ୍ତକ 'ସୁଭାଶିତ ଶତଦଳ', ଶ୍ରୀହରି ଧଳଙ୍କ କବିତା ସଂକଳନ 'କଥୋପକଥନ', ବୈଜୟନ୍ତୀମାଳା ଦାସଙ୍କ ଗଳ୍ପ ସଂକଳନ 'ଅନ୍ଧାର ଯେତିକି ଆଲୁଅ ସେତିକି' କବିତା ସଂକଳନ 'ଓଁକାର', ରୀନାରାଣୀ ରାଉତରାୟଙ୍କ କବିତା ସଂକଳନ 'ଅଗ୍ନିପଥ' ଉନ୍ମୋଚିତ ହୋଇଥିଲା। କବି ଅଭିରାମ ସାହୁଙ୍କ ସଭାପତିତ୍ୱରେ ଓ କବି ରଶ୍ମିରେଖା ବେହେରାଙ୍କ ସଂଯୋଜନାରେ ୧୫ ରୁ ଊର୍ଦ୍ଧ୍ୱ ଆମନ୍ତ୍ରିତ କବି କବିତା ପାଠ କରିଥିଲେ।

## ବନଶ୍ରୀ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୪।୧୨(ସମିସ): ସୂର୍ଯ୍ୟନଗର ନିବାସୀ ବନଶ୍ରୀ ମହାନ୍ତିଙ୍କ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ଧର୍ମପତ୍ନୀ ହେଉଛନ୍ତି ବନଶ୍ରୀ ମହାନ୍ତି। ଜ୍ୟେଷ୍ଠ ପୁତ୍ର ଶୁଭେନ୍ଦ୍ର ମହାନ୍ତି କିସ୍ ବିଶ୍ୱ ବିଦ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ଓ କନିଷ୍ଠ ପୁଅ ସୌମେନ୍ଦୁ ମହାନ୍ତି ଜୁପିଟର ଗ୍ରୁପ୍‌ର ଜେନେରାଲ ମ୍ୟାନେଜର ଭାବରେ ଅବସ୍ଥାପିତ। ମୃତ୍ୟୁଶଯ୍ୟା ନିକଟରେ ଜାମାତା ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ଅଧିକାରୀ ସୁରେଶ ମହାନ୍ତି, ରଶ୍ମୀ ପଟ୍ଟନାୟକ, ଅଲିଭା ମହାନ୍ତି, ମୋନାଲିସା ମହାନ୍ତିଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ପାଣିଓରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଯାଁଳା, ୧୪ ।୧୨(ସମିସ): ଆଜି ଜଟଣୀ ବ୍ଲକ ପାଣିଓରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡିଆଇଇଟି ଅଧ୍ୟକ୍ଷ ଡ. ତାପସ କୁମାର ନାଏକ ଯୋଗ ଦେଇଥିବାବେଳେ ସମ୍ମାନିତ



ଅତିଥି ଭାବେ ଜଟଣୀ ବିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ଅଙ୍ଗାରପଡ଼ା ସରପଞ୍ଚ ମମତା ସାହୁ, ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ପୂର୍ବତନ ସିଆର୍‌ସିସି ଦେବେନ୍ଦ୍ର ରଥ, ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ଅନ୍ତର୍ଯ୍ୟାମୀ ସାହୁ, ଅକ୍ଷୟ କୁମାର ପାଲଟା ସିଂ ଓ ପ୍ରଭାକର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଭବିଷ୍ୟତରେ ଭଲ ପଢ଼ି ଦେଶ ସେବାରେ ନିୟୋଜିତ ହେବାକୁ ଅତିଥିମାନେ ମତ ରଖିଥିଲେ। ପୂର୍ବରୁ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଚୟନ କରିବାକୁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ୩୭ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ୧୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ପାଳିଲା ବିଜେଡି

### ଭାଷାଭିତ୍ତିକ ରାଜ୍ୟ ଗଠନର ମୂଳଦୁଆ ପକାଇଥିଲେ ନୀଳମଣି

ଭୁବନେଶ୍ୱର, ୧୪ ।୧୨(ସମିସ): ମହାନ୍ ଉତ୍କଳୀୟ ସଂସ୍କୃତି ଓ ସାହିତ୍ୟର ଆଦ୍ୟ ପୁରୋଧା ପୁଣ୍ୟାତ୍ମା ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ରବିବାର ବିଜେଡି ସାଂସ୍କୃତିକ ସମ୍ମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଜୟଦେବ ବିହାରସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ସେ ଥିଲେ ଓଡ଼ିଶାକୁ ଭାଷା ଭିତ୍ତିକ ରାଜ୍ୟ ଗଠନ ପରିକଳ୍ପନାର ପ୍ରଥମ ବିଶ୍ୱକର୍ମା। ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତା କ୍ଷେତ୍ରରେ ସେ ସାରା ଓଡ଼ିଶା ବୁଲି ବୁଲି ଏହାର ପ୍ରଚାର ଓ ପ୍ରସାର



ପାଇଁ ଜୀବନ ବ୍ୟାପି ସଂଗ୍ରାମ କରି ଯେଉଁ ଭିତ୍ତିଭୂମି ପ୍ରତିଷ୍ଠା କରିଦେଇ ଗଲେ ତାହର ପଟ୍ଟାନ୍ତର ନାହିଁ ବୋଲି ସଭାରେ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମ୍ମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରଭାତ ବିଶ୍ୱାଳ, କାଳନ୍ଦୀ ପଟ୍ଟନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଦେବବ୍ରତ ସାହୁ ପ୍ରମୁଖ ଯୋଗଦାନ କରିଥିବା ବେଳେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



# ଭୁବନେଶ୍ୱର ସିଟି

## ଶ୍ରୀରାମ ମନ୍ଦିର ଟ୍ରଷ୍ଟବୋର୍ଡର ନିଷ୍ପତ୍ତି

# ୩ ଦୋକାନ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ

**■ ୨୯ରେ ବାହାର ଦୋକାନୀଙ୍କ ଚୁକ୍ତିନାମା**

ଭୁବନେଶ୍ୱର, ୧୪।୧୨(ସମିସ): ୟୁନିଟ-୩ ଖାରବେଳନଗରସ୍ଥିତ ଶ୍ରୀରାମ ମନ୍ଦିର ସେବା ସମିତିର ଟ୍ରଷ୍ଟବୋର୍ଡ ବୈଠକ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟବୋର୍ଡର ସଭାପତି ତଥା ଅବସରପ୍ରାପ୍ତ ଜିଲା ଜଜ୍ ବିରଞ୍ଚି କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାମମନ୍ଦିର ବାହାର ପାର୍ଶ୍ୱରେ ଥିବା ଦୋକାନୀଙ୍କ ଏଗ୍ରିମେଣ୍ଟ (ଚୁକ୍ତିନାମା) ଉପରେ ଆଲୋଚନା ହୋଇଥିଲା। ପୂର୍ବରୁ ଏହି ପ୍ରସଙ୍ଗ ଉପରେ ଟ୍ରଷ୍ଟବୋର୍ଡ ଦୋକାନୀଙ୍କ ସହ ଆଲୋଚନା କରିଥିବା ବେଳେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତ୍ୟେକ ଦୋକାନୀଙ୍କୁ ଚିଠି କରିବେ। ଦୋକାନୀମାନେ ଡିସେମ୍ବର ୨୬ ସକାଳ ସାଢ଼େ ୧୦ଟା କାର୍ଯ୍ୟାଳୟରେ ପହଞ୍ଚି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରାମର୍ଶ ନେଇପାରିବେ। ଡିସେମ୍ବର ୨୯ରେ ସମସ୍ତ ବାହାର ଦୋକାନୀଙ୍କ ଚୁକ୍ତିନାମା କରିବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମନ୍ଦିରକାର୍ଯ୍ୟ ନିର୍ବାହୀ ଅଧିକାରୀ ଉପନିବନ୍ଧକ ସହ ଆଲୋଚନା କରିବେ। ସେଦିନ ଦେବୋତ୍ତର ସହକାରୀ ଆୟୁକ୍ତ ତାଙ୍କ କାର୍ଯ୍ୟାଳୟର କର୍ମଚାରୀ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ବୈଠକରେ ମନ୍ଦିର ପରିସରରେ ତିନୋଟି ନୂଆ ଦୋକାନ ଘର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଗୃହନିର୍ମାଣକାରୀ ଘରୋଇ ଠିକାସଂସ୍ଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ଆବଶ୍ୟକୀୟ କାଗଜପତ୍ର ସହ ବନ୍ଦ ଲଫାପାରେ ଟେଣ୍ଡର ଆହ୍ୱାନ କରିପାରିବେ। ଆଗାମୀ ବୈଠକରେ ଟ୍ରଷ୍ଟବୋର୍ଡ ପକ୍ଷରୁ ଟେଣ୍ଡର ଖୋଲାଯାଇ ଠିକାସଂସ୍ଥାକୁ ଚୟନ କରାଯିବ। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ପାଣି, ଟ୍ରଷ୍ଟବୋର୍ଡ ସଦସ୍ୟ ଅଜିତ କୁମାର ଶତପଥୀ, ନିର୍ମଳ କିଶୋର ରଥ ଉପସ୍ଥିତ ଥିବା ବେଳେ ଆଭାସି ଯୋଗେ ଇଦିଶ ଚନ୍ଦ୍ର ଭୂୟାଁ ଓ କାଳୀପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଜୀବନର କେତେ ରଙ୍ଗ**

# ଦୃଢ଼ ମନୋବଳ ତ୍ରିବେଣୀଙ୍କୁ ଦେଇଛି ନୂଆ ପରିଚୟ

ଭିନ୍ନ ଭିନ୍ନ ମଣିଷର ଭିନ୍ନ ଏକ କାହାଣୀ ଥାଏ। ସେ ଜୀବିକାରେ, ପରିବାର ପୋଷେ ଏବଂ ଏସବୁରେ ନିଜକୁ ଭୁଲି ସେହି ଜୀବିକାକୁ ବଞ୍ଚାଇବାରେ ଲାଗିପଡ଼େ। ମଣିଷ ନିଜ କାହାଣୀ ନିଜେ ହିଁ ଗଢେ। ତିଆରି କରେ ସମାଜରେ ବଞ୍ଚିବାର ଏକ ଭିନ୍ନ ରାସ୍ତା। ପରିସ୍ଥିତି ସବୁବେଳେ ପ୍ରତିରୋଧ କଲାପରେ ବି ଜିବୀକା ଗଢିବା ନିଶାରୁ ସେ ନିବୃତ୍ତ ହୁଏ ନାହିଁ। ସେହିପରି ସଂଘର୍ଷରେ ବି ନିଜ ଜିବୀକା ଗଢିବାରେ ବ୍ୟସ୍ତ ଜଣେ ମହିଳା ହେଲେ ତ୍ରିବେଣୀ ସାହୁ।



ତ୍ରିବେଣୀଙ୍କ ପ୍ରକୃତ ଘର ଗଞ୍ଜାମ। ହେଲେ ପରିବାର ପୋଷିବା ଲାଗି ଘରୁ ଦୀର୍ଘ ୨୦ ବର୍ଷ ହେବ ଆସି ରାଜଧାନୀରେ ରହୁଛନ୍ତି। ଦିନ ୧୦ରୁ ରାତି ୧୦ ଯାଏଁ ସେ ନଡିଆ ବିକ୍ରି ପାଇଁ ଗ୍ରାହକଙ୍କ ଅପେକ୍ଷାରେ ଚାହିଁରହିଥାନ୍ତି। ପିପିଲି ବ୍ୟବସାୟୀଙ୍କଠୁ ନଡିଆ ଆଣି ସେ ରାଜଧାନୀରେ ବିକୁଛନ୍ତି। ତ୍ରିବେଣୀଙ୍କ ବୟସ ୭୦ ଛୁଇଁଲାଣି ହେଲେ ଘରେ ୧୦୦ ବର୍ଷର ଶାଶୁ ଓ ଗୋଟେ ପୁଅର ବୋଝ କାନ୍ଧରେ ଥିବାରୁ ବାହାରକୁ ବାହାରି କାମ କରିବାକୁ ପଡୁଛି। ଅଧା ବୟସରେ ସ୍ୱାମୀଙ୍କ ଦେହାନ୍ତ ପରେ ତ୍ରିବେଣୀଙ୍କ ମୁଣ୍ଡରେ ଶାଶୁ ଓ ଦୁଇ ଝିଅଙ୍କ ସହ ଗୋଟେ ପୁଅକୁ ପାଳିବାର ଦାୟିତ୍ୱ ହିଁ ନଡ଼ିଆ ବେପାର ଆରମ୍ଭ କରିବାକୁ ବାଧ ହୋଇଥିଲେ ବୋଲି ତ୍ରିବେଣୀ କୁହନ୍ତି। ଦିନକୁ କେଇଟା ନଡିଆ ବିକ୍ରି ଆଶା ନେଇ ସେ ବସି ରହିଥାନ୍ତି ଏକ ନଂ ହାଟ ରାସ୍ତା ପାର୍ଶ୍ୱରେ। କେତେବେଳେ କେମିତି ୫୦୦ କି ହଜାରେ ଟଙ୍କା ଦିନକୁ ମିଳିଲେ ସେ ଖୁସିରେ ଘରକୁ ଫେରନ୍ତି। ପୁଅ ପାଠପଢ଼ି ଭଲ ସରକାରୀ ଚାକିରୀ ଖଣ୍ଡେ କଲେ ତାଙ୍କ ଦୁଃଖ ଯିବ ବୋଲି ସେହି ଆଶା ତାଙ୍କୁ କେବେ ଭାଙ୍ଗିବାକୁ ଦେଇନି ବୋଲି କୁହନ୍ତି। ଛୋଟ ନଡିଆର ମୁଲ୍ୟ ୩୦ ଟଙ୍କା ଥିଲାବେଳେ ତାଠୁ ଟିକେ ବଡ ନଡିଆ ୪୦ ଟଙ୍କାରେ ବିକୁଛନ୍ତି ସେ। ହେଲେ ନଡିଆର ଦାମ ଶୁଣି ଲୋକ ମୁହଁ ଫେରାଇ ଦେଉଥିବାରୁ ନିରାଶ ହୋଇ କେବେ କେବେ ତାଙ୍କୁ ଘରକୁ ଫେରିବାକୁ ପଡ଼ିଥାଏ। କେବଳ ପୂଜା ପର୍ବରେ ହିଁ ତାଙ୍କ ଦୋକାନରେ ଭିଡ ଜମେ ଏବଂ ଭଲ ଲାଭ ମିଳିଥାଏ। ଖରା ବର୍ଷା କିମ୍ବା ଶୀତ ଦିନରେ ବି ତାଙ୍କୁ ରାତି ୧୦ଟା ଯାଏଁ ସେଠାରେ ନଡିଆ ବିକୁଥିବାର ଦେଖିବାକୁ ମିଳେ। ତାଙ୍କ ବଢ଼ିଲା ବୟସ କେବେବି ତାଙ୍କ ମନ ବଳ ଭାଙ୍ଗି ପାରିବନି ବୋଲି ସେ କହିଛନ୍ତି।

# ‘ଦେଖାଯାଉ’ର ସମୀକ୍ଷା ପର୍ବ



ଭୁବନେଶ୍ୱର, ୧୪।୧୨(ସମିସ): ‘ଦେଖାଯାଉ’ ପତ୍ରିକା ଉପରେ ଏକ ସମୀକ୍ଷା ପର୍ବ ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ‘ଦେଖାଯାଉ’ର ସମ୍ପାଦକ ପ୍ରବୀର ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଡ. ମିହିର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଗୋପାଳ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଲୋଚକ ଭାବେ ଡ. ଇନ୍ଦ୍ରମଣି ଜେନା ଏହି ପତ୍ରିକାକୁ ଏକ ନିଆରା ଓ ଭିନ୍ନ ଦୃଷ୍ଟିକୋଣର ପତ୍ରିକା ଭାବରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ସରୋଜ କୁମାର ସାମଲ, ସମୀକ୍ଷକ ଉମାପଦ ବୋଷ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସଭାରେ ଅନେକ ବୃଦ୍ଧିଜୀବୀମାନେ ରହିଥିଲେ। ଶେଷରେ ମିହିର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣୀବିହାର ୮୦ରେ ବାର୍ଷିକ ଅଧିବେଶନ

ଭୁବନେଶ୍ୱର, ୧୪।୧୨(ସମିସ): ‘ବାଣୀବିହାର ୮୦’ ଅନୁଷ୍ଠାନର ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ପ୍ରତୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଛି। ଏହାସହ ସମ୍ପାଦକ ତଥା କବି ଆଶୁତୋଷ ଦାଶଙ୍କର ଦ୍ୱିତୀୟ କବିତା ସଂକଳନ ‘ଭିନ୍ନ ରାଗିଣୀ’ ଓ କବି ଅଲେଖ ନନ୍ଦୀଙ୍କର କବିତା ସଂକଳନ ଲୋକାର୍ପିତ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଶହେରୁ ଅଧିକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ନୀହାରିକା ମିଶ୍ର ପ୍ରଥମ ହୋଇଥିବାବେଳେ ସମୀର ମିଶ୍ର ଓ ସୁଜାତା ଦାଶ ଯୁଗ୍ମ ଦ୍ୱିତୀୟ ଓ ମୀନା ନାୟକ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ୧୦ ଜଣଙ୍କୁ ‘ସହଳ ବିହଙ୍ଗ’ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ନରହରି ଶିଅଳ, କୋଷାଧ୍ୟକ୍ଷ ପରେଶ ମହାନ୍ତି, ବରିଷ୍ଠ ସଭ୍ୟ କ୍ଷମା କର ସ୍ୱାଇଁ ଓ ଶରତ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଅଭିରୁଚି ଶିଶୁ ପ୍ରତିଭା ଉତ୍ସବ



ଭୁବନେଶ୍ୱର, ୧୪।୧୨(ସମିସ): ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ଜୟଦେବ ଭବନଠାରେ ଫୋରମ୍‌ର ସମ୍ପାଦିକା ଅନୁରାଧା ଦାଶଙ୍କ ସଭାପତିତ୍ୱରେ ଅଭିରୁଚି ଶିଶୁ ପ୍ରତିଭା ଉତ୍ସବ -୨୦୨୫ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥ ଭାବେ ବିଧାୟିକା ସୋଫିଆ ଫିର୍‌ଦୋସ୍, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପ୍ରଗତିବାଦୀର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଜୟଓଡ଼ିଶାର ପ୍ରତିଷ୍ଠାତା ଏବଂ ସମାଜସେବୀ ରୁଦ୍ର ସାମନ୍ତରାୟ ଯୋଗ ଦେଇଥିଲେ। ଫୋରମ୍‌ର ସମ୍ପାଦିକା ତାଙ୍କର ଉଦ୍‌ଘାଟନୀ ଭାଷଣରେ ଅତିଥିମାନଙ୍କ ପରିଚୟ କରାଇବା ସହ ଫୋରମ୍‌ର ଦୀର୍ଘ ୧୪ ବର୍ଷର କାର୍ଯ୍ୟକ୍ରମର ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଫୋରମର ବାର୍ଷିକ ପତ୍ରିକା ‘ଅଭିରୁଚି-୨୦୨୫’ ଉନ୍ମୋଚନ କରାଯାଇଥିଲା। ଅତିଥିମାନେ ନିଜ ଅଭିଭାଷଣରେ ଶିଶୁମାନେ ଆମ ଦେଶର ଭବିଷ୍ୟତ ଏବଂ ସେମାନଙ୍କ ଠାରେ ଥିବା ପ୍ରତିଭାର ବିକାଶ କରିବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ଫୋରମ୍ ତରଫରୁ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ, ରାଇମ୍ସ, ଓଡ଼ିଶୀ ଓ ଆଧୁନିକ ନୃତ୍ୟର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଆନି ଶତପଥୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ଅନୁଷ୍ଠାନର ସଭାନେତ୍ରୀ ଦୀପ୍ତିପ୍ରଭା ରଥ, କୋଷାଧ୍ୟକ୍ଷା ଶୋଭେଦିତା ରାୟ, ସଦସ୍ୟା ଦୀପ୍ତି ବେହେରା, କିରଣବାଳା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭାବଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୪।୧୨(ସମିସ):ସାହିତ୍ୟ ଅନୁଷ୍ଠାନ ଭାବଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଶନିବାର ବୁଦ୍ଧମନ୍ଦିରରେ ପାଳିତ ହୋଇଯାଇଛି। ସଂସଦର ସମ୍ପାଦକ ସରୋଜ ମହାନ୍ତି ଓ ବନଜା ପ୍ରଧାନଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ, ବିଶିଷ୍ଟ କଥାକାର ଦାଶ ବେନହୁର, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ତଥା ବିଶିଷ୍ଟ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା, ସଂସଦର ପ୍ରତିଷ୍ଠାତା ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ, ସଭାପତି ଡ. ଆରତି ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ. ସୁମିତା ବେହେରା ସ୍ୱାଗତଭାଷଣ ଦେଇଥିଲେ। ଏହି ଉପଲକ୍ଷେ ସଂସଦର ‘ମୁଖପତ୍ର ଭାବଉତ୍ତରଣ’ ପତ୍ରିକା ସହ ରୀତା ପଟ୍ଟନାୟକ ଓ ଗାୟତ୍ରୀ ବେହୁରାଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ସଂସଦ ପକ୍ଷରୁ ଜାନକୀବଲ୍ଲଭ ଦାଶଙ୍କୁ ‘ଉମାରାଣୀ ସ୍ମୃତି ସମ୍ମାନ’, ସ୍ୱର୍ଣ୍ଣପ୍ରଭା ଦାଶଙ୍କୁ ‘ବଣମଲ୍ଲୀ ସମ୍ମାନ’ପ୍ରଦାନ କରାଯାଇଥିଲା। ସେହିପରି ସଂସଦ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂସଦର ଅନ୍ତରୀଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସଂସଦର ବରିଷ୍ଠ ସଦସ୍ୟ ଦେବୀପ୍ରସନ୍ନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟକ ‘ନାଗ ବଂଶମ୍’ ମଞ୍ଚସ୍ଥ



ଭୁବନେଶ୍ୱର, ୧୪।୧୨(ସମିସ): ପ୍ରାଚୀନ କାଶୀ ନଗରୀର ଗୋଟିଏ ରୂଢ଼ିବାଦୀ ବ୍ରାହ୍ମଣ ପରିବାର ନାଗ ବଂଶ। ପରମ୍ପରା ଅନୁଯାୟୀ ପ୍ରଭୁଦତ୍ତ ମହାପାତ୍ର ହେଉଛନ୍ତି ବଂଶର ପୁରୋଧା। ପ୍ରଚଳିତ ବଂଶ ପରମ୍ପରା ଅନୁଯାୟୀ ପୁରୋଧାଙ୍କର ନିଷ୍ପତ୍ତି ଯେତେ କଠୋର ହେଲେ ବି ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଆସିଛି। ପୁରୋଧା ପ୍ରଭୁଦତ୍ତ ମହାପାତ୍ର ଏହିକ୍ରମରେ ଏମିତି କିଛି କଠୋର ନିଷ୍ପତ୍ତି ନେଇଛନ୍ତି, ଯେଉଁଥିପାଇଁ ସାନ ଭାଇ ସୂର୍ଯ୍ୟକାନ୍ତ ମହାପାତ୍ର ଅବିବାହିତ ରହି ଯାଇଛନ୍ତି। ନିଜର ଧର୍ମପତ୍ନୀ ସୁପ୍ରଭାଙ୍କୁ ଦୀର୍ଘ ପଚିଶି ବର୍ଷ କାଳ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହିବାକୁ ପଡ଼ିଛି। ନାଟକର କାହାଣୀ ଆରମ୍ଭ ହୁଏ, ନାଗ ବଂଶର ଏକ ହଜାର ବର୍ଷର ପ୍ରତିଷ୍ଠା ଦିବସ ପାଳନ ଅବସରରୁ। ବର୍ଷକରେ ଥରେ ଏଇ ଦିନ ପ୍ରଭୁଦତ୍ତ ଏବଂ ସୁପ୍ରଭାଙ୍କ ସାକ୍ଷାତ ହୁଏ। ପ୍ରତିଷ୍ଠା ଦିବସ ପୂଜାବିଧି ପରେ ସୁପ୍ରଭା ଫେରି ଯାଇଥାନ୍ତି ନାଗ ବଂଶର ଆରପଟ ଖଞ୍ଜାକୁ। ଉକ୍ତ ଦିନ କିନ୍ତୁ ପୂଜାବିଧି ପରେ, ସାନ ଭାଇ ସୂର୍ଯ୍ୟକାନ୍ତ ନିଜର ମୁଣ୍ଡ ଛୁଆଇଁ ବାଧ କରନ୍ତି ନୂଆବୋଉ ସୁପ୍ରଭାଙ୍କୁ ଘରେ ରହିବା ପାଇଁ। ସୁପ୍ରଭା କିଂକର୍ତ୍ତବ୍ୟବିମୂଢ଼ ହୋଇ ରାଜି ହୁଅନ୍ତି ଦିଅର ପାଖରେ ନିଜର ଘରେ ରହିବା ପାଇଁ। ବଂଶ ପରମ୍ପରା ନାଗ ବଂଶରେ ପ୍ରଥମ କରି ନିୟମ ଭଙ୍ଗ ହୋଇଛି। ପୁରୋଧା ପ୍ରଭୁଦତ୍ତ ମହାପାତ୍ରଙ୍କୁ ଶକ୍ତ ଆଘାତ ଲାଗିଛି। ଯେଉଁ ନାଗ ବଂଶରେ ପୁରୋଧାଙ୍କ ନିଷ୍ପତ୍ତି ସବୁବେଳେ ନିର୍ଭୀକ ଆଉ ଅଟଳ ରହୁଥିଲା, ସେଇ ବଂଶରେ ପୁରୋଧାଙ୍କ ନିଷ୍ପତ୍ତିକୁ ନିଜର ସ୍ତ୍ରୀ, ସାନ ଭାଇ ଏବଁ ଦୁଇ ପୁତ୍ର ଅନିରୁଦ୍ଧ, ଶ୍ରୀଚନ୍ଦନ ପ୍ରଶ୍ନବାଚୀ ହୋଇ ଉଠିଛନ୍ତି। ଏମିତି ଏକ କାହଣୀକୁ ନେଇ ଶ୍ୱେତପଦ୍ମା ପକ୍ଷରୁ ପ୍ରଦୀପ ବିଶ୍ୱାଳଙ୍କ ରଚନା ଏବଂ ନିର୍ଦ୍ଦେଶନାରେ ନାଟକ ‘ନାଗ ବଂଶମ୍’ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ଏହି ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ହୋତା, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନେ ରାୟ, ସାଧାରଣ ସମ୍ପାଦକ ସ୍ୱର୍ଣ୍ଣଲତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଏମ୍‌ସି ପକ୍ଷରୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୪।୧୨(ସମିସ): ଭାରତୀୟ ଜନତା ମଜଦୁର ସେଲ୍ (ବିଜେଏମ୍‌ସି) ପକ୍ଷରୁ ଏଠାରେ ଏକ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଏମ୍‌ସିର ଅଧ୍ୟକ୍ଷ ଡ. ବିଶ୍ୱପ୍ରିୟ ରୟ ଚୌଧୁରୀ ଯୋଗଦେଇଥିଲେ। ଏଥିରେ ଶ୍ରମିକମାନଙ୍କ ମଧ୍ୟରେ ଶ୍ରମ ଆଇନ,କାର୍ଯ୍ୟସ୍ଥଳରେ ନିରାପତ୍ତା, ସ୍ୱାସ୍ଥ୍ୟ ସୁବିଧା,ସରକାରୀ କଲ୍ୟାଣକାରୀ ଯୋଜନା ଏବଂ ସାମାଜିକ ନିରାପତ୍ତାର ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଏମ୍‌ସିର ଡ. ଅର୍ଣ୍ଣବ ଚାଟାର୍ଜୀ, ଭିପି ଅରମାନ୍ ଗାଙ୍ଗୁଲୀ, ସାଧାରଣ ସମ୍ପାଦକ ଅଙ୍ଗ୍ରେଜ୍ ସିଂହ, ବିଜେଏମ୍‌ସି ଯୁବ ସଭାପତି ଦୀପକ୍ ଶର୍ମା, ସମ୍ପାଦକ ମଦନମୋହନ ପ୍ରଧାନ ଏବଂ ଦୁର୍ଯ୍ୟୟ କୁମାର ନାଥ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦୁର୍ଯ୍ୟୟ କୁମାର ନାଥଙ୍କୁ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇଥିଲା। ଏଥିରେ ସଂଘର ୩୦୦ରୁ ଅଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକୀ



ଭୁବନେଶ୍ୱର, ୧୪।୧୨(ସମିସ): ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକ ଅଧିବେଶନ ଆଇଆଇଟି ବମ୍ବେ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦେଶବିଦେଶର ଉଚ୍ଚତର ଶିକ୍ଷା ଓ ଗବେଷଣା ଅନୁଷ୍ଠାନରୁ ୫୦୦ରୁ ଅଧିକ ପ୍ରତିନିଧି ଦର୍ଶନର ଏହି ଏହି ଅଧିବେଶନରେ ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡ. ନନ୍ଦିନୀ ମିଶ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଡ. ପତିତପାବନ ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟରୁ ଡଃ କଲ୍ୟାଣୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅଧ୍ୟାପକ କ୍ୟାପଟେନ୍ ଡ. ଲକ୍ଷ୍ମଣ ପାତ୍ର, ଗୋପ ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରଜ୍ଞା ଦାସ କାନୁନ୍‌ଗୋ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ପ୍ରହରାଜଙ୍କ ଦ୍ୱାରା ସମ୍ପାଦିତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଗଣେଶ ପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ ଏକ ଅଭିନନ୍ଦନ ଗ୍ରନ୍ଥ ଉଦ୍‌ଘାଟିତ ହୋଇଥିଲା।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କରଙ୍କ ପରଲୋକ



ଭୁବନେଶ୍ୱର, ୧୪।୧୨(ସମିସ): ହୃଦ୍‌ଯନ୍ତ୍ର ଅଚଳ ହେବା କାରଣରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କରଙ୍କର ୮୮ ବର୍ଷରେ ଶନିବାର ଜୟଦୁର୍ଗା ନଗରସ୍ଥିତ ତାଙ୍କ ବାସଗୃହ ପରଲୋକ ହୋଇଛି। ସେ ବରିଷ୍ଠ ଆଡଭୋକେଟ୍ ଜଗତ ବନ୍ଧୁଙ୍କର କନ୍ୟା ଓ ପ୍ରାଣବନ୍ଧୁ କରଙ୍କ ଝିଆରୀ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଡ. ରବୀନ୍ଦ୍ର କୁମାର ପ୍ରହରାଜ, କନ୍ୟା ମାନସୀ, ଉଷସୀ, ଶ୍ରେୟସୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜୟଦୁର୍ଗା ନଗର ଉନ୍ନୟନ ସମିତିର ଦୀର୍ଘକାଳ ଧରି କୋଷାଧ୍ୟକ୍ଷା ଥିଲେ। ତାଙ୍କ ବିୟୋଗରେ ଜୟଦୁର୍ଗା ନଗରରେ ଶୋକର ଛାୟା ଖେଳିଯାଇଛି।

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

# ଶିଶୁ ସାହିତ୍ୟ ମୋହରେ ଯୁବପିଢ଼ି

ଭୁବନେଶ୍ୱର, ୧୪।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ। ରବିବାରର ଶୀତୁଆ ସନ୍ଧ୍ୟାରେ ପୁସ୍ତକ କିଣିବାକୁ ପ୍ରଦର୍ଶନୀ ପଡ଼ିଆରେ ପାଠକମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଶିଶୁ ସାହିତ୍ୟ, ଗ୍ରାଫିକ୍ ଉପନ୍ୟାସର ଚାହିଦା ବେଶ୍ ବଢ଼ିଛି। ବିଶେଷକରି ଯୁବପିଢ଼ିଙ୍କ ଶିଶୁ ସାହିତ୍ୟ ପ୍ରତି ଆଗ୍ରହ ଦେଖିବାକୁ ମିଳିଛି। ପୁସ୍ତକ ମହୋତ୍ସବରେ ପ୍ରୀତମ୍ ପ୍ରକାଶନ ଏବଂ ସ୍କୋଲାଷ୍ଟିକ ଇଣ୍ଡିଆ ପ୍ରକାଶନ ତରଫରୁ ସ୍ୱତନ୍ତ୍ର ଭାବେ ଶିଶୁ ସାହିତ୍ୟ ଓ ଗ୍ରାଫିକ୍ ଉପନ୍ୟାସକୁ ନେଇ ଷ୍ଟଲ ରହିଛି। ସାଇମନ ଓ ସୁଷ୍ଟର ପ୍ରକାଶନ ତରଫରୁ ମଧ୍ୟ ଗ୍ରାଫିକ ଉପନ୍ୟାସର ଷ୍ଟଲ ରହିଛି। ଏହିସବୁ ଷ୍ଟଲମାନଙ୍କରେ ଶିଶୁ ପାଠକ ଏବଂ ଯୁବପିଢ଼ିଙ୍କର ବେଶ୍ ଭିଡ଼ ଜମୁଛି। ଆଜିର ମୋବାଇଲ ଯୁଗରେ ମଧ୍ୟ ଶିଶୁ ସାହିତ୍ୟର ଚାହିଦା କିଛି କମିନି, ବରଂ ଶିଶୁ ସାହିତ୍ୟ ପୁସ୍ତକ ସାହିତ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ସେହିପରି ଭାବେ ସ୍କୋଲାଷ୍ଟିକ ଇଣ୍ଡିଆ ଏବଂ ସାଇମନ ଓ ସୁଷ୍ଟର ପ୍ରକାଶନ ଷ୍ଟଲରେ ଗ୍ରାଫିକ ଉପନ୍ୟାସକୁ ସ୍ଥାନିତ କରାଯାଇଛି। ଯେଉଁଠି ଜାପାନ ଦେଶର ପ୍ରସିଦ୍ଧ ଲେଖକ ଓସାମା ତେଜୁକା, ଜୁନ୍‌ଜି ଇଟୋ, ମାସାଶି କିଶିମୋଟୋଙ୍କ ଗ୍ରାଫିକ ଉପନ୍ୟାସ ରହିଛି ଯାହା ଯୁବପିଢ଼ିଙ୍କୁ ଆକୃଷ୍ଟ କରିପାରିଛି। ପୁସ୍ତକ ମହୋତ୍ସବରେ ବିଭିନ୍ନ ପୁସ୍ତକ ବକ୍ରେତାଙ୍କ ଷ୍ଟଲରେ ୫୦ ଟଙ୍କା, ୧୦୦ ଟଙ୍କା ଓ ୨୦୦ ଟଙ୍କା ମୂଲ୍ୟରେ ପ୍ରସିଦ୍ଧ ଲେଖକମାନଙ୍କର ପୁରୁଣା ବହି ସବୁ ଉପଲବ୍ଧ ହେଉଛି। ବିଦେଶୀ ଲେଖକ ଷ୍ଟିଫେନ୍ କିଙ୍ଗ, କଲିନ୍ ହୁଭର, ଜିଲିଆନ୍ ଫ୍ଲିନ, ଲିଆନ ମୋରିଆର୍ଟି, ଜନ ଗ୍ରିସମ୍ ଭିକ୍ଟୋରିଆ ଏବେୟାର୍ଡ଼ଙ୍କ ଲିଖିତ ଫାଣ୍ଟାସି, ହରର, ଥ୍ରୀଲର ପୁସ୍ତକକୁ ଯୁବପିଢ଼ି ବେଶ୍ ପସନ୍ଦ କରୁଛନ୍ତି।



## ଆକର୍ଷିତ କରୁଛି ସେଲ୍‌ଫି ପଏଣ୍ଟ




ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଆକର୍ଷଣର କେନ୍ଦ୍ର ସାଜିଛି ସେଲ୍‌ଫି ପଏଣ୍ଟ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଇଛି। ସେଲ୍‌ଫି ପଏଣ୍ଟରେ ମହାକବି ସାରଳା ଦାସଙ୍କ କୁଟିରଠାରୁ ନେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, କବି ରମାକାନ୍ତଙ୍କ ରଚିତ ଶ୍ରୀରାଧା, କାଳଜୟୀ କବିତା ଚିଲିକା, ଉପନ୍ୟାସ ଯାଜ୍ଞସେନୀ, ପୁସ୍ତକ ନର କିନ୍ନର, ଯନ୍ତ୍ରାରୂଢ଼, ବୈଦେହୀଶ ବିଳାସ ଆଦିର ଫୋଟୋଚିତ୍ରକୁ ସେଲ୍‌ଫି ପଏଣ୍ଟରେ ସ୍ଥାନିତ କରାଯାଇଛି। ସେଲ୍‌ଫି ପଏଣ୍ଟରେ ପାଠକମାନେ ଫଟୋ ଉଠାଇ ‘ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ’ ହ୍ୟାସ୍ ଟ୍ୟାଗ ବ୍ୟବହାର କରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରୁଛନ୍ତି।

